# ଦୁଃସ୍ୱପ୍ନର ପରିସମାପ୍ତି ।

ତା.୧୫.୦୨.୨୦୧୪

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଦିଲ୍ଲୀ ସରକାରଙ୍କର ଆଜି ଦୁଃସ୍ୱପ୍ନର ଅନ୍ତ ହୋଇଅଛି । ଆଜି ଆମ ଆଦମୀ ପାର୍ଟି ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ପାଖରେ ନିଜର ଇସ୍ତଫା ପତ୍ର ଦାଖଲ କରିଛନ୍ତି । ଗତ ୪୯ ଦିନର ଏକ ଆଦର୍ଶ ବିହୀନ, ନୀତି ବିହୀନ ତଥା ଅବସ୍ତବ ସରକାର ଯେ କି ଲୋକପ୍ରିୟତାକୁ ଆଶ୍ରୟ କରି ଲୋକ ନାୟକର ଆଖ୍ୟା ପାଇଥିଲେ ସେ ଶାସନ ଚଳାଇବାରେ ସମ୍ପୂର୍ଣ୍ଣ ଅସମର୍ଥ ସାବ୍ୟସ୍ତ ହୋଇଛନ୍ତି । ଦିଲ୍ଲୀରେ ଏକାକି ସଂଖ୍ୟା ଗରିଷ୍ଠ ଦଳ ଭାବରେ ବି.ଜେ.ପି ୩୨ଟି ଆସନ ଅଧିକାର କରିଥିବା ବେଳେ ମାତ୍ର ୨୮ଟି ଆସନ ଲାଭ କରି ନିଜର ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ସମର୍ଥନରେ ଖୁବ ଲଜ୍ଜାହୀନ ଭାବରେ ଆମ ଆଦମୀ ପାର୍ଟି ସରକାର ଗଠନ କରିଥିଲେ । ଦଳର ବହୁ ବିଧାୟକଙ୍କ ଆଦୌ ଅଭିଜ୍ଞତା ନଥିଲା ଓ ଏକ ପ୍ରକାରରେ ସେମାନେ ଅବାସ୍ତବ ଚିନ୍ତାଧାରାରେ ଘୂରି ବୁଲୁଥିଲେ । ହେଲେ ସରକାର ଚଳାଇବା ଓ କାଳ୍ପନିକ ଚିନ୍ତାଧାରା ଉଭୟ ପରିପୂରକ ।

ଉକ୍ତ ୪୯ ଦିନ ମଧ୍ୟରେ ଦିଲ୍ଲୀରେ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ପରିମଣ ବ୍ୟବସ୍ଥା, ନୂତନ ସ୍କୁଲ କଲେଜ ସ୍ଥାପନ, ଜାନ୍ତ୍ରିକ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା, ନୂତନ ମେଟ୍ରୋ ଚଳନା, ବିମାନ ସେବା ଯୋଗାଇବା, ଉନ୍ନତ ମାନର ପି.ଡ଼ବଲ୍ୟୁ.ଡ଼ି ରାସ୍ତା ତିଆରି କରିବା ଭଳି ବାସ୍ତବ ଶାସନ ପରିଚାଳନା ଠାରୁ ଦୂରେଇ ଯାଇ ବରଂ କେବଳ ଆନ୍ଦୋଳନାତ୍ମକ କାର୍ଯ୍ୟରେ ହିଁ ସେମାନେ ମନୋନିବେଶ କରିଥିଲେ । ଗୃହମନ୍ତ୍ରୀ, ଲେଫ୍ଟନାଣ୍ଟ ଗଭର୍ଣ୍ଣର, ପୋଲିସ କମିଶନର, ଏପରିକି ଆଫ୍ରିକୀୟ ମହିଳାଙ୍କ ନେଇ ସେମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା କି ମନଗଢ଼ା କାହାଣୀ ତିଆରି କରି ମିଥ୍ୟାର ଉଦ୍ଭାବନ କରିବା ଓ କାଳ୍ପନିକ ଶତ୍ରୁ ତିଆରି କରି ତାହା ବିରୋଧରେ ଆନ୍ଦୋଳନ କରିବା । ସେମାନେ ଏପରି ମନେ କରୁଥିଲେ କି ତାଙ୍କରି ନେତାମାନେ ହିଁ କେବଳ ସାଧୁ ସ୍ୱଭାବର । ହେଲେ ପ୍ରତିଦିନ ସେମାନେ ଲୋକପ୍ରିୟତାକୁ ହରାଇ ବସୁଥିଲେ । ସଚିବାଳୟ ଅପେକ୍ଷା ସେମାନେ ରାଜରାସ୍ତାରେ ବୈଠକ କରିବାକୁ ପସନ୍ଦ କରୁଥିଲେ ଏବଂ ଜନ ଲୋକପାଳ ବିଲ ଆଳରେ ନିଜ ପ୍ରସ୍ଥାନର ରାସ୍ତା ନିଜେ ତିଆରି କରିଥିଲେ । ତେଣୁ ଜନତା ଯେଉଁ ବିକଳ୍ପ ରାଜନୀତିକୁ ବାଛିଥିଲେ

ସେମାନେ ଯଦିଓ ଲୋକପ୍ରିୟତାକୁ ଆଶ୍ରୟ କରି ଶାସନକୁ ଆସିଥିଲେ, ହେଲେ ନିଜର ଅବାସ୍ତବ ଚିନ୍ତାଧାରା, ମିଥ୍ୟା ପ୍ରତିଶ୍ରୁତି ଓ ଶାସନ କରିବାରେ ଦୂର ଦୃଷ୍ଟିର ଅଭାବରୁ ଆଜି ସେମାନଙ୍କର ଦୁଃସ୍ୱପ୍ନର ପରିସମାପ୍ତି ଘଟିଛି ।